# ଚରମ ଚୈତନ୍ୟ ମହାଯଜ୍ଞ

ଦ୍ୱିତୀୟ ଚରଣ



ଓଁ

ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ ଚୈତନ୍ୟ ମହାଯଜ୍ଞ

# (ଦ୍ୱିତୀୟ ଚରଣ)

# ଓ

# ସାନ୍ଧ୍ୟ ସତ୍‌ସଙ୍ଗ ମହୋତ୍ସବ

(ଶକାବ୍ଦ ୧୯୩୬, ୧୪୨୨ ସାଲ, ମକର ୧୮ଦିନ, [illegible] ମାଘ ଶୁକ୍ଳପକ୍ଷ ବରାହ ଦ୍ୱାଦଶୀ ତିଥି ଠାରୁ ମକର ୨୧ଦିନ ମାଘ [illegible] ଦି[illegible] ପୂର୍ଣ୍ଣିମା ପର୍ଯ୍ୟନ୍ତ । ଇଂରାଜୀ ମତେ ୨୦୧୫ ମସିହା ଜାନୁୟାରୀ ମାସ ୩୧ ତାରିଖ ଶନିବାର ଠାରୁ ଫେବୃୟାରୀ ମାସ ୩ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ।)

ସ୍ଥାନ : ଭାଟୁଣିଆ, ପଦ୍ମପୁର, ଜିଲ୍ଲା–କେନ୍ଦୁଝର ।

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

## ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଗୁଣାନୁପମଂ ସୁକୁମାର ରୂପଂ
ସୁମଣ୍ଡଳ ବାଡ଼ଂ ପରମ ଦୈବତମ୍ ।
ସୁଦୀର୍ଘ ବାହୁଂ ସୁବିଶାଳ ବପୁଂ
ଆଡ଼ାରେ ଶ୍ଳାଘ୍ୟଂ ଖଳୁ ମହୀୟାନମ୍ ।।
ନିରାଡମ୍ବରଂ ସନ୍ନ୍ୟାସ ବେଶଂ
କରୁଣାଘନଂ ସହାସ୍ୟ ବଦନମ୍ ।
ନୀରାଶ୍ରୟେବ ପରମାଧିଷ୍ଠାନଂ
ଭକ୍ତବସ୍ଥାୟେ କାମପୂର୍ଣ୍ଣାଧେନୁମ୍ ।।

### ଓଁ ପରଂବ୍ରହ୍ମେ ନମଃ

ଯୁଗ ଅଧୁନା କଳିର ଚରମ ପର୍ଯ୍ୟାୟରେ ଉପନୀତ । ଚରମ ପୁରୁଷ ଧରାପୃଷ୍ଠରେ ବିଦ୍ୟମାନ ଥିବାରୁ ସମସ୍ତେ ସବୁ ଦିଗରୁ ଚରମ ଅବସ୍ଥା ପ୍ରାପ୍ତ ହୋଇଛନ୍ତି – ପାପୀ ଠାରୁ ତପୀ ପର୍ଯ୍ୟନ୍ତ । ଜଡ଼ ବିଜ୍ଞାନ ଚରମ ପୁରୁଷଙ୍କ ବିଶେଷ ଆଶିଷ ଲାଭ କରି ଚରମ ସୋପାନରେ ପହଞ୍ଚି ପାରିଛି ବୋଲି ଆତ୍ମହରା । ବୈଷୟିକ ଉନ୍ନତି ଫଳରେ ଦେଶ ଦେଶ ମଧ୍ୟରେ ଚରମ ପ୍ରତିଯୋଗୀତା ଆରମ୍ଭ ହୋଇଗଲାଣି । 'ଶହେ ମେଗାଟନ୍ ବୋମା' ତିଆରି ସରିଛି । ଏଥିରୁ ଗୋଟିଏ ମାତ୍ର ଏସିଆ ମହାଦେଶ ଭଳି ବିଶାଳ ମହାଦେଶକୁ ଧ୍ୱଂସ କରିଦେବା ପାଇଁ ସମର୍ଥ ! ଯଦି ଦଶଟି ଶହେ ମେଗାଟନ୍ ବୋମା କ୍ଷେପଣ ହେବ, ତେବେ ସମଗ୍ର ପୃଥିବୀ କ୍ଷଣିକ ମଧ୍ୟରେ କୃତ୍ରିମ କୁହୁଡି ଧୂଆଁରେ ଅଚିରେ ହଜିଯିବ । ଚେତନାର ଅଭାବରୁ ତୀବ୍ର ଅହଙ୍କାର ବନ୍ଧତା ଆଜି ମଣିଷ ମୁଣ୍ଡରେ ଆସନ ଜମାଇ ବସିଛି । ମଣିଷ ପଣିଆକୁ ବିସର୍ଜନ କରି ସମସ୍ତେ ନିଜ ନିଜର ପାଗିଲା ପଣିଆକୁ ଜଗତ ସମକ୍ଷରେ ପ୍ରଦର୍ଶନ କରାଇବାରେ ସଦା ତତ୍ପର । ମନରୁ ଅପସରି ଯାଇଛି 'ବସୁଧୈବ କୁଟୁମ୍ବକମ୍'ର ମହାନ ଆଦର୍ଶ । ଭାଇର ଉନ୍ନତିରେ ଭାଇ ଆନନ୍ଦିତ ନ ହୋଇ ବିଷାଦଗ୍ରସ୍ତ ହୋଇ ଈର୍ଷାରେ ଜଳୁଛି । ମୁହଁରେ ଭ୍ରାତୃତ୍ୱ ପ୍ରେମର ଗାଥା ଶୁଣାଇ ଅନ୍ତର ମଧ୍ୟରେ ମେଣ୍ଢାମେଣ୍ଢା ହିଂସାକୁ ପୁଞ୍ଜିଭୂତ କରି, ସୁଯୋଗ ଖୋଜୁଛି ନିଜର କୁବାସନାକୁ ଚରିତାର୍ଥ କରିବା ପାଇଁ । ବଡ ଦୁଃଖ ଓ ପରିତାପର ବିଷୟ, ନିଜେ କୁଡ଼କୁଡ଼ ଆବର୍ଜନା ମଧ୍ୟରେ ଥାଇ ଅନ୍ୟକୁ ଆବର୍ଜନାମୟ ବୋଲି ଇଙ୍ଗିତ କରୁଛି । କାମନା ନିଆଁରେ ଜଳି ପୋଡ଼ି ଦଗ୍ଧ ହୋଇ

ସାରିଲାପରେ ମଧ୍ୟ ଅନୁତାପ ବଦଳରେ ନିଜର ଦୋଷ ଦୁର୍ବଳତାକୁ ଚାଟୁବାଣୀର ମୋଟା ଚାଦରରେ ଘୋଡାଇ ରଖି ସଂସାର ଆଗରେ ବିରାଡ଼ି ବୈଷ୍ଣବ ସାଜି ପ୍ରେମର ବାର୍ତ୍ତା ଦେଉଛି । ବାକ୍ୟବାଣରେ ସରଳ ନିରୀହ ମଣିଷକୁ କ୍ଷତ ବିକ୍ଷତ କରୁଛି । ଚରମ କାଳରେ ଚରମ ମଣ୍ଡପରେ ବସି ଏହା ହିଁ ଚରମ ପୁରୁଷଙ୍କ ପାଇଁ ଚରମ ଅବମାନନା ।

ତଥାପି ଚରମ ସନ୍ତାନର ଏତାଦୃଶ ଚରମ ଅବନତି ଦେଖି, ଚରମପାଣି କ୍ଷମାନୁକମ୍ପାଧର ଚରମ ଅଧରରେ ସ୍ମିତହାସର ରେଖା ଟାଣି ଶତ ଅପରାଧକୁ କ୍ଷମା ଦେଇ ଆଶ୍ରିତକୁ ବରାଭୟ ଦେବା ଉଦ୍ଦେଶ୍ୟରେ ଆଜି **'ଚରମଚୈତନ୍ୟ ମହାଯଜ୍ଞ'** ର ଅନୁଷ୍ଠାନ କରାଉଛନ୍ତି । ଜଗତ ଆଜି ଜଗତନାଥଙ୍କୁ ପ୍ରାପ୍ତ କରି ମଧ୍ୟ ଅପ୍ରାପ୍ତିର ହା' ହୁତାଶନରେ ଦଗ୍ଧୀଭୂତ । ଏହା ତା' ନିଜର ଅପାରଗତା । ଚରମଧାରୀ ତାଙ୍କ କଲ୍ୟାଣ ଦେବାରେ କେବେ ତିଳେ ମାତ୍ର ଊଣା କରି ନାହାଁନ୍ତି । ମାତ୍ର ଅଜ୍ଞାନତାର ଶକ୍ତ ବଳୟ ଭିତରେ ଭ୍ରାତୃବିଜ୍ଞାନକୁ ଭୁଲି ଜୀବ ଆପଣା ଆସ୍ପର୍ଦ୍ଧାର ଖଡ୍ଗ ଚାଳନା କରି ଏମିତି ହିଂସୁକ ହୋଇ ପଡ଼ିଛି ଯେ ଚରମଦାତାଙ୍କର ଚରମଦାନକୁ ସାଉଁଟିବା ପାଇଁ ସେ ଅସମର୍ଥ । ଦର୍ପଣରେ ଧୂଳିର ମୋଟା ଆସ୍ତରଣ ଆଚ୍ଛାଦନ ହୋଇଗଲେ ସେଥିରେ ନିଜର ପ୍ରତିବିମ୍ବ ପ୍ରତିଫଳନ ହୋଇପାରେ ନାହିଁ । ଚରମ ଭଣ୍ଡାରରୁ ଚେତନାକୁ ଆହରଣ କରିବାପାଇଁ ଜୀବ ଯେତେବେଳେ ଅନାଗ୍ରହୀ ଓ ନିସ୍ପୃହ, ସେତେବେଳେ 'ପୁତ୍ର ନିଜେ ନିଜକୁ ଚିହ୍ନିପାରୁ' ଏହି ଲକ୍ଷ୍ୟରେ ପ୍ରଭୁପାଦ ଚରମନାଥ ନିଜ ତରଫରୁ ଅଯାଚିତ ଭାବରେ **ଚରମ ଚୈତନ୍ୟ** ପ୍ରଦାନ କରିବା ପାଇଁ ତତ୍ପର ହୋଇ ଉଠିଛନ୍ତି । ବାପଧନ, ବାଉଳାହାତୀ, ଗଳାମାଳି ବୋଲି ସମ୍ବୋଧନ କରି ଯେତେ ବୁଝାଇଲେ ମଧ୍ୟ, କାଳର ଶକ୍ତ ପ୍ରହାର ଖାଇ କ୍ଷତ ବିକ୍ଷତ ହେଲେ ମଧ୍ୟ ପୁତ୍ର ଯେତେବେଳେ ଅବୁଝା, ଅମାନିଆ ଓ ଚେତନାହରା ହୋଇ ନିଜ କର୍ତ୍ତବ୍ୟରେ ହେଳା କରି ନିଜକୁ ଚିହ୍ନି ପିତାଙ୍କୁ ଚିହ୍ନିବାରେ ଅସମର୍ଥ, ସେତେବେଳେ ପୁତ୍ରର ଦୋଷତ୍ରୁଟିକୁ ମନକୁ ନଆଣି ଚରମ ପିତା **ଚରମ ଚୈତନ୍ୟ ମହାଯଜ୍ଞ** କରାଇ ଅଲୌକିକ ଭାବରେ ଜଗତବକ୍ଷରେ ଚେତନା ବୁଣିବାର ଧାର୍ଯ୍ୟ ନିଷ୍ପତ୍ତିରେ ଉପନୀତ ।

ଚରମକୁ କିଏ ଚିହ୍ନୁ କି ନ ଚିହ୍ନୁ, ଜାଣୁ କି ନ ଜାଣୁ ଚରମ ତା'ର କର୍ତ୍ତବ୍ୟରେ କେବେ ହେଳା କରିନାହିଁ । ସକଳ ନିନ୍ଦା ଅପନିନ୍ଦାକୁ ମୁଣ୍ଡରେ ମୁଣ୍ଡାଇ, ଘାତପ୍ରତିଘାତ ବାଧାବନ୍ଧକୁ ଅତିକ୍ରମ କରି, ଖରାରେ ସିଝି, ବର୍ଷାରେ ଭିଜି, ଶୀତରେ ଥାଉଜି, ଘରେ ଘରେ ପୁରେ ପୁରେ ଚରମ ପିତାଙ୍କର ମର୍ତ୍ତ୍ୟାଗମନର ବାର୍ତ୍ତା ପହଞ୍ଚାଇ ଚାଲିଛି । ନିରଳସ ଭାବରେ ଅନ୍ୟର ଥଟ୍ଟା ପରିହାସକୁ ଖାତିର ନ କରି ଆତ୍ମଶାନ୍ତି

ଅନୁଭବ କରୁଛି । ତଥାପି ଯେତେବେଳେ ଦିଗହରା ଜୀବ ଚରମର ସତର୍କ ଘଣ୍ଟିକୁ ଶୁଣି ମଧ୍ୟ ଅଶୁଣା ହୋଇ, ଜାଣି ଅଜଣା ହୋଇ କୁଶଳୀ ଅଭିନେତା ସାଜି ନିଜକୁ ଠକିବାରେ ଧୂରୀଣ, ସେତେବେଳେ ଦୟାସାଗର ଜୀବବନ୍ଧୁ ପୁତ୍ରର ସମସ୍ତ କପଟତା ଓ ଛଳନାକୁ କ୍ଷମାଦେଇ କୌଶଳକ୍ରମେ ସୂକ୍ଷ୍ମ ସୂତ୍ରୀୟ ଲୀଳା ପନ୍ଥା ଅବଲମ୍ବନ ପୂର୍ବକ ସଭିଙ୍କ ମଧ୍ୟରେ ଚେତନା ଜାଗ୍ରତ କରାଇବା ଲକ୍ଷ୍ୟରେ ଓ ମହାପୁରୁଷମାନଙ୍କ ନିଗମ ବାଣୀକୁ ସାକାର କରିବା ଉଦ୍ଦେଶ୍ୟରେ ଆଜି ଏ ଚରମ ପ୍ରୟାସ କରିଛନ୍ତି । ବିଶ୍ୱବାସୀଙ୍କୁ ସତ୍‌-ଚିତ୍‌-ଆନନ୍ଦର ଉପଲବ୍ଧି କରାଇବା ହେଉଛି ତାଙ୍କର ଚରମ ଉଦ୍ଦେଶ୍ୟ ।

ଶାନ୍ତ, କାନ୍ତ, ନୀରବ, ନିର୍ଲିପ୍ତ, ନିଃସଙ୍ଗ, ନିର୍ଲେପ ସଚ୍ଚିଦାନନ୍ଦ ନାହିଁରେ ନାହିଁରେ ଅବସ୍ଥାନ କରିଥିଲେ ଅବ୍ୟକ୍ତ ଭାବରେ । କିଛି ନଥିଲା, କିନ୍ତୁ ସେ ଥିଲେ । ତାଙ୍କ ସୃଷ୍ଟ ସୃଷ୍ଟିର ଆରମ୍ଭ ଥାଏ ଓ ଶେଷ ଥାଏ । ମାତ୍ର ସେ ଯେହେତୁ ସର୍ବଦା ବିଦ୍ୟମାନ, ତେଣୁ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ, କ୍ଷୟ ନାହିଁ କି ବୃଦ୍ଧି ନାହିଁ । ବିଷ୍ଣୁପୁରାଣରେ ଉଲ୍ଲେଖ ଅଛି –

ଯେବେ ନ ଥିଲା ଆକାଶ ମେଦିନୀ,
ଯେବେ ନ ଥିଲା ଦିବସ ରଜନୀ ।
ଯେବେ ନ ଥିଲା ଆଲୋକ ଅନ୍ଧାର,
ଶ୍ରବଣାଦି ବିଷୟ ଅଗୋଚର ।
ଜ୍ଞାନ ଇନ୍ଦ୍ରିୟ କଳି ନ ପାରଇ,
ପୂର୍ଣ୍ଣବ୍ରହ୍ମ ପୁରୁଷ ଥିଲା ରହି ।

ଯେତେବେଳେ ଆକାଶ ପୃଥିବୀର ପରିକଳ୍ପନା ହୋଇ ନଥିଲା, ଦିନ ନ ଥିଲା କି ରାତି ନ ଥିଲା, ଆଲୋକ ଅନ୍ଧାର ନ ଥିଲା, ପଞ୍ଚତନ୍ମାତ୍ରାର ଉଦ୍ଭବ ହୋଇ ନ ଥିଲା, କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟର ଉନ୍ମେଷ ହୋଇ ନଥିଲା, ଅର୍ଥାତ୍‌ ପିଣ୍ଡ ବ୍ରହ୍ମାଣ୍ଡ ନିର୍ମାଣର କୌଣସି ଉପାଦାନ ନଥିଲା, ସେତେବେଳେ ମଧ୍ୟ ଶୂନ୍ୟ ମଧ୍ୟରେ ପୂର୍ଣ୍ଣ ହୋଇ **ଚରମପୁରୁଷ** ଥିଲେ । ଅନନ୍ତ ଜ୍ଞାନ ନୀରବ ନିଶ୍ଚଳ ଭାବେ ରହିଲାପରେ ପୁନଃ ନୂତନ ସୃଷ୍ଟିପାଇଁ ହ୍ଲାଦିନୀ ଆଲୋଡନ ସୃଷ୍ଟି କ[illegible] । ଏହାହିଁ ଇଚ୍ଛାମୟଙ୍କର ଇଚ୍ଛା । ସୃଜନ ପାଳନ ଓ ସଂହାର ପାଇଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଦାୟିତ୍ୱ ନ୍ୟସ୍ତ କଲେ । ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମ ଏହି ତିନିଜଣଙ୍କୁ ଓଁକାର ମଣ୍ଡଳରେ ସ୍ଥିତ କରାଇ ଆପଣାର ଲକ୍ଷ୍ୟ ପୂର୍ତ୍ତି ପାଇଁ ନିର୍ଦ୍ଦେଶ ଦେଲେ । ସେମାନେ ସୃଷ୍ଟିର ଆଦିମ ପର୍ବରୁ ଯାବତ୍‌ ନିଜ ନିଜର ଚେତନା ପ୍ରବାହରେ ନିମଗ୍ନ ରହି ପିଣ୍ଡ ଓ ବ୍ରହ୍ମାଣ୍ଡ ଉଭୟ ତତ୍ତ୍ୱରେ ସୃଜନ, ପାଳନ ଓ ସଂହାର ପ୍ରକ୍ରିୟାକୁ ସମ୍ପାଦନ କରି ଆସୁଛନ୍ତି । ବ୍ରହ୍ମାଙ୍କ ସହିତ ସାବିତ୍ରୀ, ବିଷ୍ଣୁଙ୍କ ସହିତ ଲକ୍ଷ୍ମୀ ଓ ଶିବଙ୍କ ସହିତ ପାର୍ବତୀ ଅନବରତ ସୃଷ୍ଟିର

ମଙ୍ଗଳ ପାଇଁ ନିଜର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅନୁସାରେ ଭିନ୍ନ ଭିନ୍ନ କାର୍ଯ୍ୟରେ ନିଯୁକ୍ତ ।

ତ୍ରିଦେବ ଓ ତ୍ରିଶକ୍ତିଙ୍କ ମଧ୍ୟରୁ ଅନାଦିବ୍ରହ୍ମ ସଚ୍ଚିଦାନନ୍ଦଙ୍କର ବିଶେଷ ଅଂଶ ଆଦିବିଷ୍ଣୁ ପାଳନ ଚେତନାରେ ପରିପୁଷ୍ଟ । ତାଙ୍କର ପାଳନ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ଆବଶ୍ୟକ ପଡ଼ିଲା ସୃଷ୍ଟି ଓ ସଂହାରର । କାରଣ, ସୃଷ୍ଟି ସ୍ଥିର ନୁହେଁ-ଗତିଶୀଳ । ଉତ୍ପତ୍ତି ପରେ ସ୍ଥିତି, ସ୍ଥିତି ପରେ ବିଲୟ ପୁଣି ବିଲୟ, ପରେ ନୂତନ ସୃଷ୍ଟି । ଏହି ଉପଲକ୍ଷ୍ୟରେ ଅନାଦି ବ୍ରହ୍ମଙ୍କର ନାଭି ଭାଗରୁ ହ୍ଲାଦିନୀ ଆଲୋଡନରୁ ଲାଳ ନିର୍ଗତ ହେଲା । ତହିଁରୁ ପଦ୍ମନାଡ଼-ନାଡ଼ ଉପରେ କଢ଼, କଢ଼ରୁ ପୁଷ୍ପ । କମଳ କୁସୁମ ଉପରେ ବିରାଜିଲେ ବ୍ରହ୍ମା । ବ୍ରହ୍ମା ଅନାଦି ବ୍ରହ୍ମଙ୍କର ଇଚ୍ଛା ଦ୍ୱାରା ସୃଜନ-ଚୈତନ୍ୟ ପ୍ରାପ୍ତ ହେଲେ । ମାତ୍ର ପ୍ରକୃତି ବିନା ଚେତନା ଚରିତାର୍ଥ ହୋଇପାରେ ନାହିଁ । ତେଣୁ ସାବିତ୍ରୀଙ୍କ ସହ ଯୁକ୍ତହୋଇ ସୃଷ୍ଟିକୌଶଳ ବା ସୃଜନ କଳା କୌଶଳକୁ ଚରିତାର୍ଥ କଲେ ।

କରି କରାଉଥାଏ ମୁହିଁ ।
ମୋ ବିନୁ ଅନ୍ୟଗତି ନାହିଁ ।।

ଅବ୍ୟକ୍ତ ଗତି ଦୁଇଟି କାରଣରେ ଏ ସୃଷ୍ଟିକୁ ସଂରଚନା କଲେ । ଗୋଟିଏ ଉପାଦାନ କାରଣ ଓ ଅନ୍ୟଟି ନିମିତ୍ତ କାରଣ । ନିଜେ ଉପାଦାନ କାରଣ ସାଜି ପ୍ରଥମେ ବ୍ରହ୍ମାଙ୍କୁ ସୃଷ୍ଟି କଲାପରେ, ବ୍ରହ୍ମା ସଚ୍ଚିଦାନନ୍ଦଙ୍କ ଆଜ୍ଞାନୁସାରେ ନିମିତ୍ତ ସାଜି କୀଟ, ପତଙ୍ଗ, ତରୁତୃଣ, ସରୀସୃପ, ଯକ୍ଷ, ନାଗ, କିନ୍ନର, ଦେବ, ଦାନବ, ଭୂତ, ପ୍ରେତ, ପିଶାଚ, ଯୋଗିନୀ, କାତ୍ତାନୀ, ଡାକିନୀ, ଗନ୍ଧର୍ବ, ବିଦ୍ୟାଧର, ଚାରଣ ଓ ମାନବକୁଳ ସର୍ଜନା କଲେ । ବିଷ୍ଣୁ ଓ ବୈଷ୍ଣବୀ ଚେତନାର କଳାକୁଶଳତା ଏକ ବିନ୍ଦୁରେ ଅବସ୍ଥିତ ଓ ନିବଦ୍ଧ ରହି ସେହି ବିନ୍ଦୁକୁ କେନ୍ଦ୍ର କରି ତିନୋଟି ପୃଥକ୍ ପୃଥକ୍ ବୃତ୍ତ/ବଳୟ/ମଣ୍ଡଳ ସୃଷ୍ଟି କଲେ । ତନ୍ମଧ୍ୟରୁ ପ୍ରଥମ ମଣ୍ଡଳ ସୃଜନା କଳାମଣ୍ଡଳ, ଦ୍ୱିତୀୟ ମଣ୍ଡଳ ପାଳନ କଳାମଣ୍ଡଳ ଏବଂ ତୃତୀୟ ମଣ୍ଡଳ ସଂହାର କଳାମଣ୍ଡଳ । ସଂହାର କଳାମଣ୍ଡଳ ତିନୋଟି ଯାକ ମଣ୍ଡଳକୁ ଆବୋରି ରହିଥାଏ । ଅର୍ଥାତ୍, ବ୍ରହ୍ମାଣ୍ଡ ପ୍ରଳୟ ସମୟରେ ଏ ସମସ୍ତଙ୍କର ପ୍ରଳୟ ହୋଇଯାଏ । ମାତ୍ର, ଏହାର ଊର୍ଦ୍ଧ୍ୱରେ ଥିବା ଅନାଦିମଣ୍ଡଳ ବା ଅବ୍ୟକ୍ତ ମଣ୍ଡଳକୁ ସଂହାରକଳା ସ୍ପର୍ଶ କରିପାରେ ନାହିଁ ।

ବ୍ରହ୍ମା ତାଙ୍କର ସୃଜନ କଳା ବଳରେ ବ୍ରହ୍ମାଣ୍ଡକୁ ଭିଆଣ କଲେ । ସେହି ସୃଜନ କଳାକୁ ପୁଣି ଜୀବ ମଧ୍ୟରେ ସଂଚାର କରି ସୃଷ୍ଟିକୁ ଗତିଶୀଳ କରାଇବାରେ କ୍ଷମ କଲେ । ଛପନକୋଟି ଜୀବରୁ ଜୀବ ସୃଷ୍ଟି ହୋଇ ବଂଶ ବିସ୍ତାର କରି ସୃଷ୍ଟିକର୍ତ୍ତାଙ୍କର ମହତୀ ଇଚ୍ଛାକୁ ପୂର୍ଣ୍ଣକଲେ । ବିଷ୍ଣୁ ତାଙ୍କ ପାଳନକଳାକୁ ଆଧାର କରି ବିଶ୍ୱ ବ୍ରହ୍ମାଣ୍ଡକୁ ପାଳନ କରନ୍ତି । ସେହି ପାଳନକଳାକୁ ଜୀବ ଭିତରେ ସଂଚାର କରାଇବାକୁ ପିତା,

ମାତା, ପରିବାର ପରିଜନ, ଗୁରୁ ଗୁରୁଜନ, ବନ୍ଧୁ ସଖା ଇତ୍ୟାଦି ନାନା ରୂପରେ ବିଷ୍ଣୁଙ୍କର ପାଳନଚେତନା ସୃଷ୍ଟିଜଗତରେ କାର୍ଯ୍ୟକାରୀ ହେଉଅଛି । ଶେଷରେ ଜୀବ ଯେତେବେଳେ ଅଚେତନ ହୋଇ ବିଧାଙ୍କର ସୃଷ୍ଟି ରହସ୍ୟ ତଥା ବିଷ୍ଣୁଙ୍କର ପାଳନୀୟ କର୍ତ୍ତବ୍ୟବୋଧକୁ ନ ବୁଝି ଅନାଚାରୀ ହୋଇଯାଏ, ଆବଶ୍ୟକ ପଡେ ସଂହାରର । ଶିବ ସଂହାର ଚେତନାକୁ ମଧ୍ୟ ଜୀବ ମଧ୍ୟରେ ସଂଚାର କରି ସଂହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଉଛନ୍ତି ।

ସଚ୍ଚିଦାନନ୍ଦ ହିଁ ସତ୍ୟ, ଶାଶ୍ୱତ, ଚିରନ୍ତନ, ସନାତନ । ଆଦିବିଷ୍ଣୁ, ସଚ୍ଚିଦାନନ୍ଦଙ୍କ ଏକ ପ୍ରତିନିଧି ମାତ୍ର । ଏହି ପ୍ରତିନିଧି ବିଷ୍ଣୁ ମଧ୍ୟ ସନାତନ । ସଚ୍ଚିଦାନନ୍ଦ ଅବ୍ୟକ୍ତ, ସଂପୂର୍ଣ୍ଣ ଅପ୍ରକାଶ୍ୟ । ମାତ୍ର, ତାଙ୍କର ପ୍ରତିନିଧି ଆଦିବିଷ୍ଣୁ ବ୍ୟକ୍ତ ଓ ପ୍ରକାଶ୍ୟ ସଚ୍ଚିଦାନନ୍ଦ ହେଉଛନ୍ତି ନିର୍ଗୁଣ, ନିରାକାର, ଅନାମ ଏବଂ ନିଷ୍କଳ । ମାତ୍ର ସୂକ୍ଷ୍ମ ଓଁକାର ମଣ୍ଡଳରେ ଆଦିବିଷ୍ଣୁ, ବ୍ରହ୍ମା ଓ ଶିବ ଆକାର ବିଶିଷ୍ଟ । ଗୁଣଧର୍ମୀ ଏବଂ ନାମ ବାଚକ ଅଟନ୍ତି । ଏହି ଓଁକାର ମଣ୍ଡଳର ବିଷ୍ଣୁ ଲୋକର କଳାଧାରୀ ବିଷ୍ଣୁ ଆକାର, ନାମ ଓ ଗୁଣ ଧରି ଧରାପୃଷ୍ଠକୁ ଦେହ ଧାରଣପୂର୍ବକ ଆସିଛନ୍ତି, ଯୁଗେ ଯୁଗେ ଲୀଳା ସମ୍ପାଦନ କରିବା ପାଇଁ । ମାତ୍ର ଆଜି କଳିଯୁଗର ଚରମ ମୁହୂର୍ତ୍ତରେ ପ୍ରତ୍ୟକ୍ଷ ଗୁରୁଙ୍କ ଶିଷ୍ୟମାନେ ଅବମାନନା କରିବାରୁ ଓଁକାର ମଣ୍ଡଳର ବହୁ ଉର୍ଦ୍ଧ୍ୱରେ ଥିବା ଅବ୍ୟକ୍ତ ମଣ୍ଡଳରୁ ଯିଏ ନାମଧାରୀ, ଗୁଣଧାରୀ ଓ ସ୍ୱରୂପଧାରୀ ହୁଅନ୍ତି ନାହିଁ, ସେ ଆଜି ଧୂଳିର ଧରଣୀରେ ବିଦ୍ୟମାନ, ନିଜକୁ ଜ୍ଞାନୀ ବୋଲି ସାବ୍ୟସ୍ତ କରୁଥିବା ଅଜ୍ଞାନ ଜୀବକୁ ଚରମ ଚୈତନ୍ୟ ପ୍ରଦାନ କରିବା ପାଇଁ । ଏହି ଚରମପୁରୁଷଙ୍କ ଠାରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ସୃଷ୍ଟି ବୋଲି ମହାପୁରୁଷ ଅଚ୍ୟୁତ ତାଙ୍କ **'ନିତ୍ୟରାସ'** ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି –

ରୂପରେଖ ବର୍ଣ୍ଣ ସେଠାରେ ନାହିଁ ।
ସିଂହାସନ ବେଢ଼ି ଅଛି ସେଠାଇଁ ।।
ଚତୁର୍ଦ୍ଧାମୂରତି ଏକଇ ରୂପ ।
ଅଣ ସାଧନାରେ ଦେଖ ଅଲେଖ ।।
ସଖୀ ଗୋ ନିତ୍ୟ ରାହାସ ସ୍ଥାନ ।
କୋଟି ବ୍ରହ୍ମା ବିଷ୍ଣୁ ତହୁଁ ଜନମ ।।

ଅବର୍ଣ୍ଣ, ଅଲେଖ, ଅରୂପ, ଅବର୍ଣ୍ଣନୀୟ, ଅଚିନ୍ତନୀୟ, ଅକଳ୍ପନୀୟ ଈଶ୍ୱର 'ସେ', ଯାହାଙ୍କୁ ସାଧନା କରି ଅର୍ଜନ କରାଯାଇ ନପାରେ । ତାଙ୍କ ଠାରୁ ପଲକ ମାତ୍ରକେ କୋଟି କୋଟି ବ୍ରହ୍ମା, ବିଷ୍ଣୁ, ଶିବ, ସୃଷ୍ଟି ହୋଇ ପଲକ ମାତ୍ରକେ ଲୀନ ହୋଇ ଯାଉଛନ୍ତି । ଉପରୋକ୍ତ କଥାବସ୍ତୁରେ ଯେଉଁ ସୃଜନ, ପାଳନ ଓ ସଂହାର କଥା ଆଲୋଚନା କରାଯାଇଅଛି, ତାହା କେବଳ ଉଦାହରଣ ମାତ୍ର । ଅନନ୍ତକୋଟି ବ୍ରହ୍ମାଣ

ଶ୍ରୀଶ୍ରୀଶ୍ରୀଚରମନାଥଙ୍କ ଗୋଟିଏ ଲୋମ ମୂଳରେ ବିରାଜିତ । ସମସ୍ତ ବ୍ରହ୍ମାଣ୍ଡରେ ଜଣେ ଜଣେ ବ୍ରହ୍ମା, ଜଣେ ଜଣେ ବିଷ୍ଣୁ ଓ ଜଣେ ଜଣେ ଶିବ ଯଥାକ୍ରମେ ସୃଜନ, ପାଳନ ଓ ସଂହାର ଦାୟିତ୍ୱକୁ ବହନ କରି ଆଦେଶ ପାଳନ କରୁଛନ୍ତି । ଓଁକାର ମଣ୍ଡଳର କଳାଧାରୀ ବିଷ୍ଣୁଙ୍କୁ ହିନ୍ଦୁମାନେ ବିଷ୍ଣୁ, ମୁସଲମାନ ଭାଇମାନେ ଆଲ୍ଲା, ଇହୁଦୀଭାଇ ମାନେ ଯିହୋଭା ଓ ଖ୍ରୀଷ୍ଟିୟାନ ଭାଇମାନେ ଗଡ୍ କହନ୍ତି । ବିଷ୍ଣୁ ରଜଗୁଣ ଅବଲମ୍ବନ କରି ସୃଷ୍ଟି କରନ୍ତି, ସତ୍ତ୍ୱଗୁଣ ଅବଲମ୍ବନ କରି ପାଳନ କରନ୍ତି ଓ ତମୋଗୁଣ ଅବଲମ୍ବନ କରି ସଂହାର କରନ୍ତି । ରଜଗୁଣର ଚେତନା ହିଁ ସୃଜନ ପ୍ରକ୍ରିୟାରେ ନିୟୋଜିତ । ସତ୍ତ୍ୱଗୁଣର ଚେତନା ପାଳନ ପ୍ରକ୍ରିୟାରେ ନିମଜ୍ଜିତ ଏବଂ ତମୋଗୁଣର ଚେତନା ସଂହାର ପ୍ରକ୍ରିୟାରେ ନିବିଷ୍ଟ । ଏହି ତିନୋଟି ଭିନ୍ନ ଭିନ୍ନ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ନିମନ୍ତେ ତ୍ରିଦେବ – ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ଯଥାକ୍ରମେ ତ୍ରିଦେବୀ ବା ତ୍ରିଶକ୍ତି – ସାବିତ୍ରୀ ରଜୋଗୁଣରେ ସୃଷ୍ଟି ସର୍ଜନା ଚେତନାରେ, ଲକ୍ଷ୍ମୀ ସତ୍ତ୍ୱଗୁଣରେ ପାଳନ ଚେତନାରେ ଏବଂ ମହାମାୟା ପାର୍ବତୀ (ଦୁର୍ଗା) ତମୋଗୁଣରେ ସଂହାର ଚେତନାରେ ସମ୍ପୂର୍ଣ୍ଣ ସହଯୋଗ ଓ ସହାୟତା ପ୍ରଦାନ କରି ଆସୁଛନ୍ତି ।

**ଶ୍ରୀ ଚରମନାଥଙ୍କ ଚରମଶାସ୍ତ୍ରରୁ ଝରିପଡେ ସେହି ଅମୀୟ ବାଣୀ –**

*"କଳିକାଳ, ଘୋର କଳିକାଳର ଏ ଅନ୍ତିମ ପ୍ରହର । ଏପରି ଘଡ଼ିସନ୍ଧି ବେଳରେ ତୁ ମାୟା ସଂସାରକୁ ଆସିଛୁ ।*

*କାଳେ କେତେବେଳେ ମାୟାର ଅଠାକାଠି ଲାଗିଯିବ, ସଜାଗ ଥିବୁରେ ଧନ ।*

*ବାବୁରେ ! ଦିନ ଗଡ଼ିଗଡ଼ି ଯାଉଛି । ଠିକଣା ବେଳ ଘନେଇ ଆସୁଛି, ସାଧନ ପଥରେ ଲାଖି ନ ରହିଲେ, ଆଖି ପଲକରେ କ'ଣ ଘଟିଯିବ କିଏ କହେ ନା କହିବ ?" (ଚରମ–୫, କଲ୍ୟାଣ ଦେଲି ତୋତେ)*

*ପୁନଶ୍ଚ "ତୁ ନିଜେ ଥରେ ଆଖି ଖୋଲି ଦେଖିଲୁ ! ବେଳ ପରା ଆସି ଗତ ଗତ ହେଲାଣି । ସମୟ କେତେ କମ୍ । ସନ୍ଧ୍ୟା ହେବ, କାଳରାତି ଘୋଟି ଆସିବ । ଏତେ ଅଳ୍ପ ସମୟ ମଧ୍ୟରେ ତୋତେ କେତେ ଦୂରପଥ ଯିବାକୁ ହେବ । ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେବ । ଅନେକ କାର୍ଯ୍ୟ କରିବାକୁ ପଡ଼ିବ । ତେଣୁ ତୋର ଗତିକୁ ବହୁଗୁଣରେ ବଢ଼ାଇ ସମଗ୍ର ବିଶ୍ୱରେ ଗୁରୁଙ୍କର ଭାବଧାରା ଓ ଆଚରଣଧାରା ପ୍ରସାର କରାଇ ଜୀବସମୂହକୁ ମୋ ପ୍ରତି ଆକୃଷ୍ଟ କରାଅ । ସମସ୍ତଙ୍କୁ ବୁଝାଇ ସୁଝାଇ ମୋର ପୀୟୁଷ ସନ୍ଦେଶ ଦେ ।" (ଚରମ–୨, କଲ୍ୟାଣ ଦେଲି ତୋତେ) ।*

ତେଣୁ କଳିର ଏ ଘନ ବିପର୍ଯ୍ୟୟ କାଳରେ ଚରମବାଣୀ ଯେତେବେଳେ

ଜୀବର ମରମକୁ ଭେଦ କରି ପାରୁନାହିଁ, ଭରମରେ ପଡି କରମକୁ ନିନ୍ଦା କରି ସରମରେ ନିଜେ ଜଳି ଅନ୍ୟକୁ ଜାଳିବାର ସଂକଳ୍ପରେ ଦୃଢ଼ ପରିକର, ସେତେବେଳେ ଜଗତକଲ୍ୟାଣ ପାଇଁ ପ୍ରାର୍ଥନା କରିଥିବା ସଦାତ୍ମାମାନଙ୍କର କାମନା ପୂର୍ତ୍ତି ଉଦ୍ଦେଶ୍ୟରେ ଦୀନଦରଦୀ ଠାକୁରେ ଆପଣା ତତ୍ତ୍ୱାବଧାନରେ ଏହି **'ଚରମ ଚୈତନ୍ୟ ମହାଯଜ୍ଞ'**କୁ ଅନୁଷ୍ଠିତ କରାଉଛନ୍ତି । ଏଠାରେ ଏହି ଯଜ୍ଞ କାହିଁକି ଅନୁଷ୍ଠିତ ହେଉଛି ତାର କାରଣ ବ୍ୟାପକ ହୋଇଥିବାରୁ ସ୍ଥାନ, କାଳ, ପାତ୍ର ବିଚାରରେ ତାହାକୁ ସଂକ୍ଷିପ୍ତ ରୂପେ ନିମ୍ନରେ ପ୍ରକାଶ କରାଗଲା ।

ପ୍ରକାଶ ଥାଉକି– ଅନୁଷ୍ଠିତ ହୋଇ ସାରିଥିବା **ଚରମ ଚୈତନ୍ୟ ମହାଯଜ୍ଞ**– ପ୍ରଥମ ଚରଣର ସ୍ମରଣିକାରେ ବିଶେଷ କାରଣରୁ ମାଳିକାର ଉଦ୍ଧୃତାଂଶ ପ୍ରକାଶ କରାଯାଇନଥିଲା । **ଚରମ ଚୈତନ୍ୟ ମହାଯଜ୍ଞ** ଦ୍ୱିତୀୟ ଚରଣରେ ମାଳିକା ପ୍ରମାଣକୁ ଏଠାରେ ଯଥାସାଧ୍ୟ ପ୍ରକାଶ କରାଯାଉଅଛି । ସୂର୍ଯ୍ୟ ଯେପରି ସ୍ୱୟଂ ପ୍ରକାଶିତ, ସଚ୍ଚିଦାନନ୍ଦ ବିଗ୍ରହ **'ପୂର୍ଣ୍ଣବ୍ରହ୍ମ କେଶବ ସୁନ୍ଦର'** ଠିକ୍ ସେହିପରି ସ୍ୱୟଂ ପ୍ରକାଶିତ ଓ ପ୍ରକଟିତ । ଅତ୍ର ତତ୍ର ସର୍ବତ୍ର ବିଦ୍ୟମାନ, ସର୍ବବ୍ୟାପକ 'ସେ' । ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ସୁତରାଂ ଚରମପୁରୁଷଙ୍କୁ ଚିହ୍ନେଇବା ବା ଚିହ୍ନିବା ପାଇଁ ପ୍ରମାଣ ବୟାନ କରିବା ଏକ ବୃଥା ପ୍ରୟାସ । ମାତ୍ର, ସେହି ସର୍ବବ୍ୟାପକ ଭଗବାନ ଯୁଗେ ଯୁଗେ ଯେତେବେଳେ ଅଂଶ ଅବତାର ହୋଇ ମାନବ ତନୁରେ ଲୀଳା ଭିଆଇଛନ୍ତି, ସେତେବେଳେ ତାଙ୍କୁ ସମସ୍ତେ ଧରି ପାରି ନାହାଁନ୍ତି, ବୁଝି ପାରି ନାହାନ୍ତି ମଧ୍ୟ । ଏକଥା ପୁରାଣ ପୃଷ୍ଠାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । କ୍ରିୟାଶୀଳ ଓ ଚେତନଶୀଳ ସନ୍ତାନମାନଙ୍କୁ ଈଶ୍ୱରୀୟ ବିଶ୍ୱାସ ଦେବାପାଇଁ ପ୍ରମାଣର ଆବଶ୍ୟକତା ପଡ଼ି ନଥାଏ । ହେଲେ କ୍ରିୟାଶୀଳ ସନ୍ତାନମାନଙ୍କୁ ସାଧନ ପଥର ପଥିକ ସଜାଇବା ପାଇଁ ପ୍ରେରଣା ଯୋଗାଇବା ଲକ୍ଷ୍ୟରେ କେବଳ ସ୍ମରଣ କରାଇବାକୁ ପଡିଥାଏ । ସ୍ମରଣ କରାଇବାର ଏକମାତ୍ର ଉପାଦାନ ଶାସ୍ତ୍ରୀୟ ପ୍ରମାଣ । ଆମ୍ଭେମାନେ ପୁରାଣ ଶାସ୍ତ୍ରକୁ ବିଶ୍ୱାସ କରି ଭଗବତ୍ ମାର୍ଗୀ ବୋଲି ଆଜି ଜୀବନରେ ଈଶ୍ୱରଙ୍କର ଆବଶ୍ୟକତା ଯେ ଅନିବାର୍ଯ୍ୟ, ଏହା ଅବଗତ ହେଲା ପରେ ଶ୍ରୀଗୁରୁସ୍ୱାମୀଙ୍କର ଶରଣାପନ୍ନ ହେଲେ । ତେଣୁ ଭାଗବତ, ଗୀତା, ରାମାୟଣ, ମହାଭାରତ ଯୁଗଯୁଗ ଧରି ଯେପରି ଆଜି ପର୍ଯ୍ୟନ୍ତ ଜନମାନସରେ ଜୀବିତ ହୋଇ ରହିଛି, ସେହିପରି କଳି ଯୁଗର **ଚରମ ଶାସ୍ତ୍ର** ଯୁଗଯୁଗାନ୍ତର ପର୍ଯ୍ୟନ୍ତ ବିଶ୍ୱବକ୍ଷରେ ମାର୍ଗ ପ୍ରଦର୍ଶକ ରୂପେ ଶାସ୍ତ୍ରର ମାନ୍ୟତା ପାଇ ରହିଥିବ । ପରମ ଶାସ୍ତ୍ର ଭାଗବତରେ ଉଲ୍ଲେଖ ଅଛି –

ବେଦ ବଚନ ଧର୍ମଶାସ୍ତ୍ର । ଏ ବେନି ବିପ୍ରଙ୍କର ନେତ୍ର ।।
ଏକ ଅଭାବେ କଣା ହୋଇ । ଦୁଇ ଅଭାବେ ଅନ୍ଧ ସେହି ।।

ଧର୍ମଶାସ୍ତ୍ର ମାନବକୁଳକୁ ଭଗବତ୍ ପଥରେ ଯିବାପାଇଁ ପ୍ରେରଣା ଯୋଗାଇଥାଏ । ପୂର୍ବଜନ୍ମର ସୁକର୍ମ ପ୍ରଭାବରୁ ସେମାନଙ୍କ ମଧ୍ୟ ଭଗବତ୍ ପ୍ରାପ୍ତିର ଅଭିଳାଷର ସୂକ୍ଷ୍ମ ବୀଜ ରୂପରେ ଥାଏ । ମାଟି, ପାଣି, ଆଲୋକ ପାଇଲେ ଯେମିତି ବୀଜ ଅଙ୍କୁରିତ ହୁଏ, ଠିକ୍ ସେମିତି ଶାସ୍ତ୍ରୀୟ ପ୍ରମାଣ ଜୀବ ମଧ୍ୟରେ ଆଧ୍ୟାତ୍ମିକ ମାର୍ଗରେ ଯିବାପାଇଁ ଚେତନା ଦେଇଥାଏ । ପୁତ୍ର କେବେ ପିତାର ପ୍ରମାଣ ଖୋଜି ନଥାଏ । ହେଲେ କୋମଳମତି ଶିଶୁର ମାଆ ଜଣକୁ ହିଁ ପିତା ବୋଲି ଚିହ୍ନାଇ ଦେଲାପରେ, ଶିଶୁଟି ସେହି ନିର୍ଦ୍ଦିଷ୍ଟ ଜଣଙ୍କୁ ତା'ର ପିତା ବୋଲି ସମ୍ବୋଧନ କରେ । ସୂର୍ଯ୍ୟ ଉଦୟ ହେଲେ ଜଗତ ଆଲୋକିତ ହୋଇଥାଏ, କିନ୍ତୁ କବାଟ, ଝରକା ବନ୍ଦ କରି କମ୍ବଳ ତଳେ ଦେହ ମୁହଁ ଘୋଡ଼ାଇ ଆଖିବୁଜି ଶୋଇ ଥିବା ବ୍ୟକ୍ତି ସୂର୍ଯ୍ୟାଲୋକ ପାଇପାରେ ନାହିଁ । ସୁପ୍ତ ଜୀବକୁ ଜଣେ ଜାଗ୍ରତ କରାଇ ଜଣାଇ ଦିଏ –ଆରେ ଉଠ୍, ରାତି ପାହିଲାଣି ପରା । ସୂର୍ଯ୍ୟ ଉଦୟ ହେଲେଣି । କର୍ମ କରିବାର ବେଳ ଆସିଲାଣି । ତା'ପରେ ଜୀବ ଜାଗ୍ରତ ହୁଏ ଏବଂ ତାର ଉଠିବାରେ ଡେରି ହୋଇ ଯାଇଛି ବୋଲି ମନସ୍ତାପ କରେ । ଠିକ୍ ସେହିପରି ଆଜି ଯୁଗଯୁଗର ଭକ୍ତମାନେ ଭଗବାନଙ୍କ ସହ ପୂର୍ବ ଯୁଗମାନଙ୍କରେ ଲୀଳାଖେଳା କରି ସାରିଥିବାରୁ ତାଙ୍କ ଭିତରେ ଭଗବତ୍ ପ୍ରାପ୍ତିର ଅଭିଳାଷ ସୂକ୍ଷ୍ମବୀଜ ରୂପରେ ରହିଥିଲା । ମହାପୁରୁଷମାନେ ଜଗତ କଲ୍ୟାଣ ନିମନ୍ତେ ଶାସ୍ତ୍ର ମାଧ୍ୟମରେ ଜୀବକୁ ଭଗବାନଙ୍କ ମର୍ତ୍ତ୍ୟାଗମନର ବାର୍ତ୍ତା ଦେଇ କେବଳ ସେମାନଙ୍କୁ ସ୍ମରଣ କରାଇ ଦେଇଛନ୍ତି । ମହାପୁରୁଷ ଅଚ୍ୟୁତ ତାଙ୍କ **କଳିକଳ୍ପ**ଗୀତାରେ ପ୍ରିୟ ଶିଷ୍ୟ ରାମଦାସଙ୍କୁ କିଏ ପ୍ରଭୁ ବୋଲି ଚିହ୍ନାଇ ଦେବାପରେ କହିଲେ –

ସେହି ପ୍ରଭୁ ବୋଲି ଜାଣିବୁରେ ରାମ କରିବୁ ତାହାଙ୍କୁ ଠାବ ।
ମୂରୁଖ ଆଗରେ କେବେ ନକହିବୁ ଆପଣା ମନର ଭାବ ।।

ଅଚ୍ୟୁତାନନ୍ଦ ଗୋସ୍ୱାମୀ ଏଠାରେ କହିଛନ୍ତି ଯେ – ରେ ରାମଦାସ ! ତୁ ମୋ ଠାରୁ କଳ୍କି ଅବତାରଙ୍କ ସଂପର୍କରେ ଯେଉଁ ଗୁପ୍ତ ସନ୍ଦେଶ ଶୁଣିଲୁ, ତାହା ଜନଜଗତଙ୍କ ଗୋଚରାର୍ଥେ ଜଣାଇବୁ । ମାତ୍ର ଶୁଣିଲା ପରେ ତୋ ଭିତରେ ଯେଉଁ ଭାବନା ସୃଷ୍ଟି ହେଉଛି, ତାହା ସମସ୍ତଙ୍କ ମଧ୍ୟରେ ସୃଷ୍ଟିହେବ ନାହିଁ । ତେଣୁ ତୋର ସେ ଦିବ୍ୟ ଅନୁଭବକୁ ମୂରୁଖ ବା ଅବିଶ୍ୱାସୀକୁ କହିବୁ ନାହିଁ । ଯାହା ଲେଖାହୁଏ, ତାହା ତ ପ୍ରକାଶ ହେବା ପାଇଁ ଲେଖାହୁଏ । ସାହିତ୍ୟ ଓ ଶାସ୍ତ୍ର ସମାଜର ଦର୍ପଣ । ଅବିଶ୍ୱାସୀ ଭିତରେ ବିଶ୍ୱାସ ଜନ୍ମାଇବା ଶାସ୍ତ୍ରର ପରମ ଲକ୍ଷ୍ୟ । ମାଳିକାର କଥାବସ୍ତୁ ଯଦି ଗୁପ୍ତ ରଖିବାକୁ କହିଥାନ୍ତେ, ତେବେ ସେ ଲେଖିଲେ କାହା ଉଦ୍ଦେଶ୍ୟରେ ? ଆଜି ସମାଜରେ ଭଣ୍ଡମାନେ ନିଜକୁ ପୌଣ୍ଡ୍ରକ ସଜାଇଥିବା ବେଳେ ଜଗତ, ଭକ୍ତଙ୍କୁ

ଭଗବାନ କିଏ ବୋଲି ପ୍ରମାଣ କରିବାକୁ ମହାମନୀଷୀମାନେ ଭବିଷ୍ୟତ ବାଣୀ ଦେଇଛନ୍ତି । ଆଉ ପରମପ୍ରେମମୟ **ଶ୍ରୀଶ୍ରୀଚରମନାଥ** ପୁରେ ପୁରେ ସେ ବାର୍ତ୍ତା ପ୍ରଦାନ କରିବା ପାଇଁ ଶ୍ରୀମୁଖରେ କହିବା ସହ ଶ୍ରୀହସ୍ତରେ ଲେଖି ଦେଇଛନ୍ତି ମଧ୍ୟ ।

ତେଣୁ ବିଶ୍ୱାସୀ ଭକ୍ତଜନଙ୍କର ବିଶ୍ୱାସକୁ ସ୍ଥିର ଓ ଦୃଢ଼ କରିବା ନିମନ୍ତେ ଓ ଅବିଶ୍ୱାସୀଙ୍କ ମନରେ ବିଶ୍ୱାସ ସ୍ଥାପନ କରି ଦୁଷ୍ଟ ଶିଷ୍ଟ ସମସ୍ତ ସନ୍ତାନଗଣଙ୍କୁ ଆପଣାର କରିବା ଅଭିପ୍ରାୟରେ ଆଜିର ଏହି **‘ଚରମ ଚୈତନ୍ୟ ମହାଯଜ୍ଞ’** ସମ୍ବନ୍ଧରେ ମାଳିକାରେ ଥିବା ଗୁପ୍ତ ତଥ୍ୟାବଳୀକୁ ଉଲ୍ଲେଖ କରାଗଲା । ଯଜ୍ଞସ୍ଥଳ ର ଚତୁଃପାର୍ଶ୍ୱ ବର୍ଣ୍ଣନା କରିବାକୁ ଯାଇ ମହାପୁରୁଷ ଅଚ୍ୟୁତ ତାଙ୍କ **କଳିଯୁଗାବ୍ଦ ଗୀତାରେ** ଲେଖିଛନ୍ତି –

ଶୁଦ୍ଧସୂୟା ସ୍ଥଳ କମଳପୁର ।
ଅବସ୍ଥିତ ଅଟେ ପ୍ରାଚୀ ଦିଗର ।।
ପଶ୍ଚିମରେ ଥିବା ନବ ନଗର ।
ରଙ୍ଗେଇଶୁଣି ମା’ ଗିରି ଶିଖର ।।
ଦକ୍ଷିଣରେ କାଦଗଡ ଗ୍ରାମଟି
ଚାହିଁଛନ୍ତି ଦଶ ପାଟ ଦେବତୀ
ସିଂହାସନ, ସାର ପାଟ, କଞ୍ଚନ ।
ସୁନ୍ଦର, ବାଳୀସୁଗ୍ରୀ, ହନୁମାନ ।।
ସର୍ବମଙ୍ଗଳାକୁ ପାଟ ମଙ୍ଗଳା ।
ବଡ କୁଅଁର, ଧୂଳିଆଙ୍କମେଳା ।।
ଚାହିଁ ରହିଛନ୍ତି ଫେଡି ନୟନ ।
କଳି ପୁରୁଷଙ୍କ ସ୍ଥୂଳ ଦର୍ଶନ ।।
ଉତ୍ତରେ ଦାବାଙ୍କ କଡିଦ୍ୱାତର ।
ସତେଲଭଞ୍ଜ ଯେ ପର୍ବତବର ।।
ବୁଢାବୁଢୀ ଦେବ ଦେବତୀ ବେନି ।
କୃପା ପାଇବାକୁ ପତାଇ କାନି ।।
ଦକ୍ଷିଣୁ ଉତ୍ତରେ ଥିବ ପ୍ରବାହି ।
ପୁଣ୍ୟବତୀ ମାଛ କାନ୍ଦଣା ନଈ ।।
ଭାଟୁଣିଆ ଭକ୍ତ କାମନା ପୂର୍ଣ୍ଣ ।
ବିଶ୍ୱେ ଖେଳିବ ଚରମ ଚୈତନ୍ୟ ।।

ନିର୍ବିକଳ୍ପ ସମାଧି ଯୋଗୀ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସକୁ କହିଛନ୍ତି – ହେ ରାମ ! **ଚରମ ଚୈତନ୍ୟ ମହାଯଜ୍ଞ** ପୁଣ୍ୟଭୂମିର ପୂର୍ବଦିଗରେ କମଳପୁର ବା ପଦ୍ମପୁର ଅବସ୍ଥିତ, ଯେଉଁଠି କି ୧୯୯୯ ମସିହା ମେ ମାସ ୨୧ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ **ଶୁଦ୍ଧସୂୟା ଯଜ୍ଞ** ଅନୁଷ୍ଠିତ ହୋଇ ଯାଇଛି । ପଶ୍ଚିମ ଦିଗରେ ନୂଆ ଗାଁ ରହିଥିବ, ଯାହାର ପୁରାତନ ନାମ ଥିଲା ନବରସ ନଗର । ସନ୍ତେଇଭଞ୍ଜ ନାମକ ରାଜାଙ୍କର ରାଜ ଦରବାରରେ ଜଣେ ରାଜାଙ୍କ ସ୍ତୁତିଗାନକାରୀ ଭାଟ ଥିଲେ । ସେ ନିଜର କଳା ପ୍ରଦର୍ଶନ କରି ରାଜ ପାରିଷଦ ବର୍ଗ ଓ ରାଜାଙ୍କର ଆଦୃତି ଲାଭ କରିଥିଲେ । ତାଙ୍କ ଭିତରେ ଏମିତି ପ୍ରଚଣ୍ଡ ପ୍ରତିଭା ଥିଲା ଯେ ସେ ଏକକ ଅଭିନୟ ଦ୍ୱାରା ନବରସ (୧–ଶାନ୍ତ, ୨–ଭକ୍ତି, ୩– ବାତ୍ସଲ୍ୟ, ୪–କାରୁଣ୍ୟ, ୫–ଶୃଙ୍ଗାର, ୬–ରୌଦ୍ର୍ୟ, ୭–ବୀର, ୮–ଭୟ, ୯–ବିଭତ୍ସ)କୁ ଚମତ୍କାର ଭାବେ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରଦର୍ଶନ କରି ପାରୁଥିଲେ । ରାଜା ସନ୍ତେଇଭଞ୍ଜ ଗ୍ରାମଟିକୁ ସ୍ତୁତିଗାନକାରୀ ଭାଟକୁ ପ୍ରଦାନ କରିଥିଲେ ଓ ଭାଟ ନବରସ କଳା ମାଧ୍ୟମରେ ଅଭିନୟ କରୁଥିବାରୁ ଗ୍ରାମର ନାମକରଣ କରିଥିଲେ 'ନବରସ ନଗର' । ପରବର୍ତ୍ତୀ କାଳରେ ତାର ନାମ ହେଲା 'ନବ ନଗର' ଓ ଅଧୁନା ତାହା ନୂଆଗାଁ ନାମରେ ନାମିତ ହୋଇଛି । ପୁନଶ୍ଚ ପଶ୍ଚିମ ଦିଗରେ ପର୍ବତ ଉପରେ ପ୍ରଭୁଙ୍କ ଲୀଳା ଦର୍ଶନ ପାଇଁ ଅବସ୍ଥାନ କରିଛନ୍ତି, ଆଦ୍ୟାଶକ୍ତିଙ୍କର ଏକ ଅଂଶ ମା' ରଣ୍ଡେଇରୁଣୀ । ଦକ୍ଷିଣରେ କାଦଗଡ ଗ୍ରାମ । ସନ୍ତେଇଭଞ୍ଜ ରାଜାଙ୍କର ସାତ ଜଣ ରାଣୀଙ୍କ ମଧ୍ୟରୁ ଜ୍ୟେଷ୍ଠା ରାଣୀ କାଦମ୍ବିନୀ ସ୍ୱାମୀଙ୍କର ଅନ୍ୟାୟ ଅତ୍ୟାଚାରରେ ଅତିଷ୍ଠା ହୋଇ ରାଜ ଉଆସକୁ ପରିତ୍ୟାଗ କରି ସେଠାରେ କୁଡିଆ ଘରେ ନିରାଡମ୍ବର ଜୀବନଯାପନ କରିଥିଲେ । ଲୋକମୁଖରେ ସେହି ଗ୍ରାମର ନାମ କାଦମ୍ବିନୀଗଡ଼ ବୋଲି ଶୁଣାଯାଏ । ଯାହାର ନାମ ପରେ କାଦଗଡ ହୋଇଛି । ପୁଣି ସେହି ଦକ୍ଷିଣ ଦିଗରେ ଦଶଜଣ ପାଟ ଦେବତା ଓ ଦେବୀ କଳ୍କୀ ପୁରୁଷଙ୍କ ସ୍ଥୂଳ ଦର୍ଶନ ପାଇଁ ଅପେକ୍ଷା କରି ରହିଛନ୍ତି । ଉତ୍ତର ଦିଗରେ ଦାବାଙ୍କ ଓ ଜଡ଼ିତାତର ନାମରେ ଗ୍ରାମ ରହିଛି ।

ପୁରାତନ କାଳରେ ସେ ଗ୍ରାମରେ ଜଣେ ଧର୍ମ ପରାୟଣ ବ୍ୟକ୍ତି ସାତୋଟି ପୁତ୍ର ସନ୍ତାନ ହେବା ପରେ କନ୍ୟାଟିଏ ପାଇଁ ଆଶା କରି ବୁଢ଼ାବୁଢ଼ୀ ଦେବଦେବୀଙ୍କୁ ଆରାଧନା କରିଥିଲେ । ତାଙ୍କର ବରପ୍ରାପ୍ତି କଥା ଚତୁର୍ଦ୍ଦିଗରେ ଚହଳ ସୃଷ୍ଟି କରିଥିଲା । ବୁଢ଼ାବୁଢ଼ୀଙ୍କ ଅପାର କରୁଣାରୁ ତାଙ୍କର ଏକ ଦୁହିତା ଜନ୍ମ ହୋଇଥିଲା, ଯିଏ ପରବର୍ତ୍ତୀ କାଳରେ ରାଜା ସନ୍ତେଇଭଞ୍ଜଙ୍କୁ ବିବାହ କରିଥିଲେ । ଦୁହିତା ପ୍ରାପ୍ତ ହେବା ପାଇଁ ତାଙ୍କ ମନରେ ପ୍ରବଳ ଆକାଂକ୍ଷା ଥିବାରୁ ସେ ଗ୍ରାମର ପୁରାତନ ନାମଥିଲା

'ଦୁହିତାରଙ୍କ' । ପରେ ପରେ ତାହା ପରିବର୍ତ୍ତନ ହୋଇ 'ଦାବାଙ୍କ' ହୋଇଛି । ଜୀବନର ଶେଷ ସମୟରେ ରାଜା ସତେଇଭଞ୍ଜଙ୍କ ସଂସାର ପ୍ରତି ବୈରାଗ୍ୟ ଆସିବାରୁ ପର୍ବତ ଉପରେ ତପସ୍ୟା ଆଚରଣ କରିଥିଲେ । ଦୁଇଜଣ ବର୍ଷୀୟାନ ବୁଢ଼ାବୁଢ଼ୀ ନିଜର ସୁକର୍ମ ବଳରେ ଜଗତ କଲ୍ୟାଣରେ ବ୍ରତୀ ହୋଇ ମାନବ ଦେହରେ ଜନ୍ମ ହୋଇ ଶେଷରେ ଦେବତାରେ ପରିଣତ ହୋଇଥିଲେ । ତାଙ୍କର ଦେହାବସାନ ପରେ ସେମାନଙ୍କୁ ଜନଜଗତ ପୂଜାର୍ଚ୍ଚନା କରି ନିଜର ସଂସାର ବାସନାକୁ ପୂର୍ଣ୍ଣ କରିପାରିଲେ । ଆଜି ପର୍ଯ୍ୟନ୍ତ ସେମାନେ ଏଠାରେ ମଧ୍ୟ ଦେବାଦେବୀ ରୂପରେ ପୂଜା ପାଇ ଆସୁଛନ୍ତି । ଏମାନେ ଠାକୁରଙ୍କର ସ୍ଥୂଳଦର୍ଶନ ପାଇଁ କାନି ପତାଇ ବରଭିକ୍ଷା କରିଥିବାରୁ ଯେଉଁ ସତ୍‌ସଙ୍ଗ ମଣ୍ଡପରେ ପ୍ରଭୁପାଦ ମଞ୍ଚାସୀନ ହେବେ, ସେହି ମଣ୍ଡପର ମୁହଁ ପ୍ରଭୁପାଦଙ୍କ ନିର୍ଦ୍ଦେଶରେ ଦକ୍ଷିଣ ଦିଗକୁ କରାଯାଇଅଛି । ଦକ୍ଷିଣ ଦିଗରୁ ଉତ୍ତରକୁ ବହି ଯାଇଛି ପରମପାବନୀ 'ମାଛ କାନ୍ଦଣା ନଈ' । ଏହା ସମ୍ପର୍କରେ ଏକ ବିରାଟ କିମ୍ବଦନ୍ତୀ ରହିଛି । ସ୍ମରଣିକାର ବିଧାନ ପରିସର ଭିତରେ ସୀମିତ ହୋଇ ତାକୁ ସଂକ୍ଷେପରେ ବର୍ଣ୍ଣନା କରାଯାଉଅଛି ।

ରାଜା ସତେଇଭଞ୍ଜ ସତ୍ୟଯୁଗରେ ଥିଲେ ରାକ୍ଷସମାନଙ୍କର ରାଜା ଅସୁରେଶ୍ୱରର ଭଗ୍ନୀପୁତ୍ର । ଅସୁରେଶ୍ୱର ଥିଲା ଶଙ୍ଖାସୁରର ଅଷ୍ଟମଭଗ୍ନୀ ଅନୁସ୍ୱାକୀର ପୁତ୍ର । ପ୍ରଭୁ ମତ୍ସ୍ୟଅବତାର ଗ୍ରହଣ କରି ଶଙ୍ଖାସୁରକୁ ବଧ କରିବା ପରେ ଭଣଜା ଅସୁରେଶ୍ୱର ଛପନକୋଟି ଜୀବ ମଧ୍ୟରୁ ମତ୍ସ୍ୟକୁଳକୁ ବିନାଶ କରିବା ଲକ୍ଷ୍ୟରେ ସମଗ୍ର ଅସୁରବାହିନୀକୁ ନିଯୁକ୍ତ କଲେ । ସମସ୍ତ ନଦୀ, ପୋଖରୀ ଓ ସମୁଦ୍ରରୁ ମାଛମାନଙ୍କୁ ବିନାଶ କରିବା ପାଇଁ ଜ୍ୱାଳାମୁଖୀ ହୋଇ ବ୍ରହ୍ମାଣ୍ଡରେ ପୂରି ରହିଥିବା ରାକ୍ଷସକୁଳ ଯେତେବେଳେ ପ୍ରବଳ ପ୍ରତାପୀ ହୋଇଉଠିଲେ, ସେତେବେଳେ 'ବାଳସିନ୍ଧୁ' ନାମରେ ଜଣେ ଋଷି ଅସୁରେଶ୍ୱରଙ୍କ ପାଦ ତଳେ ପଡ଼ି ପ୍ରାର୍ଥନା କଲେ — ହେ ଅସୁରେଶ୍ୱର ! ଭଗବାନ ଯେଉଁ ଜୀବ ଶରୀରକୁ ଆଶ୍ରୟ କରି ଯୁଗଲୀଳା କରିଥିଲେ, ତୁମ୍ଭେ ସେହି ମତ୍ସ୍ୟ କୁଳକୁ ବିନାଶ କରିବାରୁ କ୍ଷାନ୍ତ ହୁଅ । ଋଷିବାଳସିନ୍ଧୁଙ୍କର ଋଷିଙ୍କର ପ୍ରାର୍ଥନାକୁ ଶୁଣି ଅସୁରେଶ୍ୱର କ୍ଷାନ୍ତ ହେବା ବଦଳରେ ଅଶାନ୍ତ ହୋଇ ଉଠିଲେ ଏବଂ ଋଷିଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହୁଅନ୍ତେ, ଋଷି ବାଳସିନ୍ଧୁ ପଳାୟନ କରିବାକୁ ଚେଷ୍ଟା କଲେ । ଋଷି ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ଗୋଟିଏ ସ୍ଥାନରେ ଖସି ପଡ଼ିଲେ । ରାକ୍ଷସରାଜ ଅସୁରେଶ୍ୱର ଋଷି ବାଳସିନ୍ଧୁଙ୍କୁ ନିର୍ମମ ଭାବରେ ହତ୍ୟା କଲେ । ଋଷି ବାଳସିନ୍ଧୁ କ୍ଳାନ୍ତ ହୋଇ ଧରଣୀ ଉପରେ ପଡ଼ିଥିବା ସମୟରେ ଅସୁରେଶ୍ୱର ଖଡ୍ଗରେ ତାଙ୍କ କଟି ପ୍ରଦେଶକୁ କାଟି ଦୁଇଖଣ୍ଡ କରି ଦେଇଥିଲେ । ଜଗତଜନଙ୍କୁ ଭୟଭୀତ କରାଇବା ପାଇଁ ବାଳସିନ୍ଧୁଙ୍କ ଦୁଇଖଣ୍ଡ ମୃତଶରୀରକୁ ଦୁଇ ହାତରେ ଧରି ଅସୁରେଶ୍ୱର

ଗୋଟିଏ ପଡ଼ିଆରେ ନେଇ ଅସୁରବାହିନୀଙ୍କ ସହାୟତାରେ ମାଟିରେ ପୋତି ଦେଇଥିଲେ । ଏ ଗହନ କଥାବସ୍ତୁକୁ ମହାପୁରୁଷ ଅଚ୍ୟୁତ ତାଙ୍କ 'କଳିଯୁଗାଦ୍ୟ ଗୀତା'ରେ ସଂକ୍ଷିପ୍ତ ରୂପରେ ବର୍ଣ୍ଣନା କରିଛନ୍ତି –

ଅସୁର ଈଶ୍ୱର ହୋଇ ଅରିଷ୍ଟି ।
ବଳିଆ ଋଷିର କାଟିଲା କଟୀ ।।
ନୃଶଂସ ସାଜି ଖଳ ସଇତାନ ।
ମାଟି ତଳେ ପୋତି ଦେଲା ବହନ ।।

ସ୍ମରଣ କରାଇ ଦିଆ ଯାଉଅଛି କି ୨୦୧୫ ମସିହା ଜାନୁୟାରୀ ମାସ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଥିବା **ଚରମ ଚୈତନ୍ୟ ମହାଯଜ୍ଞ(ପ୍ରଥମ ଚରଣ)** ସହିତ ଏହି **ଦ୍ୱିତୀୟ ଚରଣର ଚରମ ଚୈତନ୍ୟ ମହାଯଜ୍ଞ**ର ନିବିଡ଼ ସମ୍ପର୍କ ରହିଛି । କଟକ ଜିଲ୍ଲାର ସାଲେପୁର ଠାରୁ କେନ୍ଦ୍ରାପଡ଼ା ଯିବା ରାସ୍ତାରେ ଗୋଟିଏ ସ୍ଥାନ ରହିଛି ଅସୁରେଶ୍ୱର । ରାକ୍ଷସ ରାଜା ଅସୁରେଶ୍ୱର ସେଇଠି ଅବସ୍ଥାନ କରୁଥିଲା । ବାଳସିନ୍ଧୁ ଋଷିଙ୍କର ଯେଉଁଠାରେ କଟି ଛେଦନ ହୋଇଥିଲା, ସେ ସ୍ଥାନର ନାମ ହେଉଛି କଟିକଟା । ଏମାନଙ୍କ ନାମ ସେକାଳରୁ ଏଯାବତ୍ ପରିବର୍ତ୍ତନ ହୋଇ ନାହିଁ । ବାଳସିନ୍ଧୁ ଋଷିଙ୍କୁ ବାଲ୍ୟକାଳରେ ପିତାମାତା ବଳିଆ ବୋଲି ଡାକୁଥିଲେ । ତାଙ୍କ ନାମାନୁସାରେ ସ୍ଥାନର ନାମ 'ବଳିଆ' ଥିଲା । କାଳକ୍ରମେ ତାହା କିୟଦଂଶରେ ପରିବର୍ତ୍ତନ ହୋଇ 'ବାଲିଆ' ନାମରେ ନାମିତ ହୋଇଛି । ସଇତାନର ପରିଚୟ ଦେଇ ଅସୁରେଶ୍ୱର ଏ ବିଭତ୍ସ କାଣ୍ଡ ଘଟାଇଥିବାରୁ ସେ ପଡ଼ିଆର ନାମ ରହିଗଲା **ସୈତାନ ପଡ଼ିଆ** ।

ରାକ୍ଷସ ରାଜ ଅସୁରେଶ୍ୱରର ଭଣଜା କାମାକ୍ଷାସୁରର ରାଜଉଆସ ଆଜିର ଯଜ୍ଞ ସ୍ଥଳ ହିଁ ଥିଲା । ଅସୁରମାନଙ୍କ ଅତ୍ୟାଚାରର ଶିକାର ହୋଇ ମତ୍ସ୍ୟକୁଳ ପ୍ରାୟ ବିନାଶ ହୋଇ ସାରିବା ବେଳକୁ ଯଜ୍ଞସ୍ଥଳ ନିକଟବର୍ତ୍ତୀ ନଈରେ କିଛି ମାଛ ଆତ୍ମଗୋପନ କରିଥିଲେ । ଜଗତବାସୀ ନିଦ୍ରାରେ ନିଦ୍ରିତ ହେବାପରେ ସେମାନେ ନିଶାର୍ଦ୍ଧରେ ଭଗବାନଙ୍କୁ ପ୍ରାର୍ଥନା କରି କ୍ରନ୍ଦନ କରୁଥିଲେ । ସେମାନଙ୍କ କ୍ରନ୍ଦନକୁ ଶୁଣିପାରି ରାକ୍ଷସ କାମାକ୍ଷାସୁର ଯେତେବେଳେ ମାରିବାର ମସୁଧା କଲା, ସେତେବେଳେ ଋଷି **'ଶାନ୍ତି ପ୍ରାବଲ୍ୟ'** ମାଛମାନଙ୍କୁ ଉପଦେଶ ଦେଇ ସାଥିରେ ଯାଇ ବୈତରଣୀରେ ଛାଡ଼ି ଆସିଲେ । ବୈତରଣୀରୁ ସେମାନେ ଯାଇ ମହାନଦୀରେ ପହଞ୍ଚିଲେ । ମହାନଦୀର ଅନୁକୂଳ ସ୍ରୋତରେ ନଯାଇ, ପ୍ରତିକୂଳ ସ୍ରୋତରେ ଯାଇ ପୁଣ୍ୟଭୂମି ହୁମାରେ ପହଞ୍ଚିଲେ । ରାଜକନ୍ୟା ହୁମାବତୀଙ୍କ ନାମାନୁସାରେ ସ୍ଥାନର ନାମ ହୁମା ହେଉଛି (ଯାହା ବର୍ତ୍ତମାନର ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ) । ମାଛମାନଙ୍କର ପ୍ରାର୍ଥନା ଶୁଣି

ପରମପିତା ସେମାନଙ୍କୁ ବର ପ୍ରଦାନ କରିଥିଲେ ଯେ ତୁମେମାନେ ହୁମା ସ୍ଥାନରେ ଅବସ୍ଥାନ କର । ତୁମେମାନେ ସେଠାରେ ସୁରକ୍ଷିତ ରହିବ । ତୁମ୍ଭମାନଙ୍କୁ ଯିଏ ବଧ କରିବ, ସେ ପଥର ପାଲଟି ଯିବ । ହେ ପାଠକବୃନ୍ଦ ! ଆପଣମାନେ ସମ୍ବଲପୁରର ହୁମା ମନ୍ଦିରକୁ ଯାଇ ସେଠାକାର ଜନଶ୍ରୁତିକୁ ଆଧାର କଲେ ଅନେକ କଥା ଜାଣିପାରିବେ ।

ପ୍ରକାଶ ଥାଉକି, ୨୦୦୧ ମସିହାର ଏକ ପବିତ୍ର ଲଗ୍ନରେ ଠାକୁର **ଶ୍ରୀଶ୍ରୀଶ୍ରୀ ଚରମନାଥ** ମାଛମାନଙ୍କର ପ୍ରାର୍ଥନାକୁ ରକ୍ଷାକରି ସମ୍ବଲପୁର ଜିଲ୍ଲାର ସେହି ହୁମା ମନ୍ଦିରକୁ ଯାଇ ମାଛମାନଙ୍କୁ ଦର୍ଶନ ଦେଇଥିଲେ ଏବଂ ତ୍ରେତୟାଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ଗଙ୍ଗାନଦୀ ପାର କରାଇ ପାଦଧୌତ କରାଇଥିବା କୈବର୍ତ୍ତ କଳିଯୁଗରେ ପୁନର୍ବାର ଜନ୍ମଗ୍ରହଣ କରି ସେହି ପବିତ୍ର ଲଗ୍ନରେ ପ୍ରଭୁଙ୍କୁ ଡଙ୍ଗାରେ ବସାଇ ମହାନଦୀ ପାର କରାଇଥିଲା ।

ସତ୍ୟର କାମାକ୍ଷାସୁର କଳିଯୁଗରେ ସନ୍ତେଇଭଞ୍ଜ ରୂପରେ ଜନ୍ମଗ୍ରହଣ କରିଥିଲେ । ଅର୍ଥ ପିପାସୁ ଚାଟୁକାରମାନେ ରାଜାଙ୍କ ସ୍ତୁତିଗାନ କରି ସ୍ୱର୍ଣ୍ଣମୁଦ୍ରା ଅର୍ଜନ କରୁଥିଲେ । ଋଷି 'ଶାନ୍ତିପ୍ରାବଲ୍ୟ'ଙ୍କୁ ସନ୍ତେଇଭଞ୍ଜ ତାଙ୍କର ସ୍ତୁତିଗାନ କରିବାକୁ ବାଧ କରିବାରୁ ପରମ ଭକ୍ତ 'ଶାନ୍ତିପ୍ରାବଲ୍ୟ' କହିଲେ – ମୁଁ ଭଗବାନଙ୍କର ଭାଟ ବା ସ୍ତୁତିକାରୀ, ମୁଁ ତୁମଭଳି ଜଣେ ଅନ୍ୟାୟୀ ରାଜାର ସ୍ତୁତିଗାନ କରି ପାରିବି ନାହିଁ । ଯାହା ଫଳରେ କି ରାଜା ସନ୍ତେଇଭଞ୍ଜ ତାଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । କାଳକ୍ରମେ ରାଜା ସନ୍ତେଇ ଭଞ୍ଜଙ୍କ ପରାକ୍ରମ ହ୍ରାସ ପାଇଲା । ସେ ନିଜକୁ ପରିବର୍ତ୍ତନ କରାଇ ତପ ଆଚରଣ କଲେ । ଋଷି ଜୀବିତ ଥିବାବେଳେ କେବଳ ଭଗବାନଙ୍କ ସ୍ତୁତିକାରୀ ବା ଭାଟ ଥିବାରୁ ତାଙ୍କର ଶିଷ୍ୟମାନେ ପରବର୍ତ୍ତୀ କାଳରେ 'ଶାନ୍ତି ପ୍ରାବଲ୍ୟ'ଙ୍କର ପ୍ରତିମୂର୍ତ୍ତି ପୂଜା କଲେ ଓ ସ୍ଥାନର ନାମ ଦେଲେ ଭାଟୁଣିଆ । ଶାନ୍ତି ପ୍ରାବଲ୍ୟ ବରଭିକ୍ଷା କରିଥିଲେ – ପ୍ରଭୁ ! କଳିଯୁଗ ଶେଷରେ ଆପଣ ଯେତେବେଳେ ଚେତନାର ପୂର୍ଣ୍ଣକଳା ନେଇ ଅବତାର ଗ୍ରହଣ କରିବେ, ସେତେବେଳେ ଜଗତକୁ ପରମ ଚରମ ଚୈତନ୍ୟ ପ୍ରଦାନ କରିବା ପାଇଁ ଯଜ୍ଞାନୁଷ୍ଠାନ କରାଇବେ ।

ବାଳସିନ୍ଧୁ ଋଷିଙ୍କର ସମାଧି ଭୂମି କେନ୍ଦ୍ରାପଡ଼ା ଜିଲ୍ଲାର ବାଲିଆସ୍ଥ ସୈତାନ ପଡ଼ିଆରେ ପ୍ରଥମ **ଚରମ ଚୈତନ୍ୟ ମହାଯଜ୍ଞ** ଅନୁଷ୍ଠିତ ହୋଇ ସାରିଛି ଏବଂ ଋଷି ଭାଟୁଣିଆ ବା ଶାନ୍ତିପ୍ରାବଲ୍ୟଙ୍କ କାମନା ପୂର୍ଣ୍ଣପାଇଁ ଆଜି ଏହି ପୁଣ୍ୟକ୍ଷେତ୍ର କେଉଁଝର ଜିଲ୍ଲାର **ପଦ୍ମପୁରସ୍ଥ ଭାଟୁଣିଆ** ଠାରେ ଯଜ୍ଞାନୁଷ୍ଠାନ ଚାଲିଛି । ସମ୍ପ୍ରତି ଅନୁଷ୍ଠିତ ହେଉଥିବା ଯଜ୍ଞର ସମୟ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ମହାପୁରୁଷ ଅଚ୍ୟୁତ ତାଙ୍କ **ଅବାଡ ସଂହିତାରେ** ରଚନା କରିଛନ୍ତି :–

ଫିରିଙ୍ଗି ହିସାବ କରିବୁ ଗୁଣି ପାଣ୍ଡବେ ଦେବ ।
ଆଦ୍ୟ ପ୍ରାନ୍ତ ଦିନେ ଦେଖିବୁ ମୁଣ୍ଡେ ପୂରଣ କୁମ୍ଭ ।।
ବାମନ ଜନମ ତିଥିକୁ ସୂର୍ଯ୍ୟସୁତ ଦିବସ ।
ମତ୍ସ୍ୟ କ୍ରନ୍ଦନରେ ଜଳରେ ହେବ ଶୁଭାଧିବାସ ।।
କୁନ୍ତୀ ସୁତେ ଗୁଣି ବେନିକୁ ପ୍ରତିପଦାରେ ଖଞ୍ଜା ।
କୋଶଳ ରାଜଙ୍କ ଗଗନେ ଉଡେ କେତନୀ ଧ୍ୱଜା ।।
ତିଥି ବାର ମନେ ନରଖି ବର୍ଣ୍ଣଶଙ୍କର ଜାତ ।
ଭୁଲିଗଲେ ରାମ ବ୍ରହ୍ମର୍ଷି ହୋଇଯିବେ ଅଶାନ୍ତ ।।
ଅଗ୍ନି ମହୋତ୍ସବ ଆକାଶେ ଉଦେ ପୂରଣ ଶଶି ।
ପୂର୍ଣ୍ଣାହୁତି ଜ୍ୟୋତି ଖେଳିବେ ବିଶ୍ୱେ ଚେତନାରାଶି ।।
ଭକତ ଉଦ୍ଧାର ପାଇଁକି ବିଜୟ ବିଶ୍ୱରାଜା ।
ଅଖିଳ ବ୍ରହ୍ମାଣ୍ଡେ ବାଜିବ ଦିବ୍ୟ ଚେତନା ବାଜା ।।
ଜାଣିବା ଭକ୍ତ ଜାଣିବେ ଅଜଣା କୁ ଯେ ତିକ୍ତ ।
କେଶ ଝଡ଼ି ଦାନ୍ତ ପଡ଼ିଲେ ଭକ୍ତି ନୁହଁଇ ପ୍ରାପ୍ତ ।।

ହେ ସଦାତ୍ମାବୃନ୍ଦ ! ଏଠାରେ ମହାପୁରୁଷଙ୍କ ଉପରୋକ୍ତ ତଥ୍ୟାବଳୀକୁ ବ୍ୟାଖ୍ୟା କଲେ – ଫିରିଙ୍ଗି ହିସାବ କରିବୁ କହିଲେ ଇଂରେଜମାନଙ୍କ ଖ୍ରୀଷ୍ଟାବ୍ଦ ବା ମସିହା ହିସାବ । ପାଣ୍ଡବ କହିଲେ ସଂଖ୍ୟା ପାଞ୍ଚକୁ ବୁଝାଏ । ଦେବ ଅର୍ଥାତ୍ ତ୍ରିଦେବ କହିଲେ ସଂଖ୍ୟା ତିନିକୁ ବୁଝାଏ, ତେଣୁ ପାଞ୍ଚରେ ତିନିକୁ ଗୁଣିଲେ ୫X୩=୧୫, ଅର୍ଥାତ୍ ଇଂରାଜୀ ୨୦୧୫ ମସିହା । ଆଦ୍ୟ କହିଲେ ପ୍ରଥମ ମାସ ଜାନୁୟାରୀର ପ୍ରାନ୍ତ ଦିନେ କହିଲେ ଶେଷ ଦିନ । ଏହି ଜାନୁୟାରୀ ମାସ ୩୧ ତାରିଖରେ ଭକ୍ତମାନଙ୍କ ମୁଣ୍ଡରେ ପୂର୍ଣ୍ଣକୁମ୍ଭ ଦେଖିବୁ । ବାମନ ଜନ୍ମ ତିଥି ଅର୍ଥାତ୍ ଦ୍ୱାଦଶୀ ତିଥିରେ ସୂର୍ଯ୍ୟସୁତ ଦିବସ କହିଲେ ଶନିବାର ଦିନ ମାଛ କାନ୍ଦଣା ନଈର ଜଳରେ ଶୁଭାଧିବାସ କାର୍ଯ୍ୟ ଅନୁଷ୍ଠିତ ହେବ । 'କୁନ୍ତୀ ସୁତେ ଗୁଣି ବେନିକୁ' – କୁନ୍ତୀ ସୁତ କହିଲେ କର୍ଣ୍ଣକୁ ମିଶାଇ ଛଅ । ସେଥିରେ ବେନିକୁ ଗୁଣିଲେ ୬X୨=୧୨ । ପୁଣି ଏଥିରେ ପ୍ରତିପଦାକୁ ଖଞ୍ଜା ଅର୍ଥାତ୍ ପ୍ରଥମ ସଂଖ୍ୟା ଏକକୁ ମିଶାଇଲେ ୧୨+୧=୧୩। ତ୍ରୟୋଦଶୀ ତିଥିରେ କୋଶଳ ରାଜା କହିଲେ କେନ୍ଦୁଝରର ଆକାଶରେ ସନାତନ କେତନୀ ଫରଫର ହୋଇ ଉଡ଼ିବ । ଅଚ୍ୟୁତ କହୁଛନ୍ତି, ହେ ରାମଦାସ ! କଳିଯୁଗର ମଣିଷ "ସ୍ତିରୀ ସଙ୍ଗମ ଋତୁମତେ" ଭାଗବତ ବାଣୀର ମହିମାକୁ ନବୁଝି ଆଜି ତିଥିବାର ଗଣନା ନ କରି ସ୍ତିରୀ ସଙ୍ଗମ କରି ଯେମିତି ବର୍ଣ୍ଣଶଙ୍କର ଜାତ କରୁଛନ୍ତି, ସେମିତି ଯଜ୍ଞର ତିଥି, ବାରକୁ ଯଦି ତୁ ମନେ ନ ରଖିବୁ, ତେବେ ବ୍ରହ୍ମର୍ଷି ଶାନ୍ତି ପ୍ରାବଲ୍ୟ ଅଶାନ୍ତି ପାଇବେ ଓ

ତାଙ୍କ କୋପରୁ ହୁଏତ ସୃଷ୍ଟିରେ କିଛି ବିଲକ୍ଷଣ ପରିଦୃଶ୍ୟ ହୋଇପାରେ । ତେଣୁ ରାମରେ ! ଚରମନାଥଙ୍କ ଲୀଳାକୁ ତୁ ଗୋଡେ ଗୋଡେ ଜଗି ନିଘା ରଖିଥିବୁ । ମାଘ ମାସ ଅଗ୍ନି ମହୋତ୍ସବ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ହେବ ଏବଂ ସେ ପୂର୍ଣ୍ଣାହୁତିର ଜ୍ୟୋତିରାଶି ପରିବ୍ୟାପ୍ତ ହୋଇ ସମଗ୍ର ବିଶ୍ୱରେ ଚେତନା ପ୍ରବାହିତ କରିବ । ଭକ୍ତଙ୍କ ଉଦ୍ଧାର ନିମିତ୍ତ ବିଶ୍ୱରାଜ ବିଶ୍ୱ ଚିନ୍ତାମଣି **ଚରମପୁରୁଷ** ମଞ୍ଚରେ ବିଜେ କରିବେ । ଅଖିଳ ବ୍ରହ୍ମାଣ୍ଡରେ ସମଗ୍ର ମାନବକୁଳର ଚେତନାରେ ପରିବର୍ତ୍ତନ ଦେଖାଦେବ । ଅନ୍ତରରେ ଦିବ୍ୟ ଚେତନାର ନାଦ ନିନାଦିତ ହେବ । ଯିଏ ଏ ଲୀଳାର ମହିମାକୁ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରିବ, ତା ଭିତରେ ବ୍ରହ୍ମକ୍ଷୁଧା ସୃଷ୍ଟି ହେବ ଏବଂ ସବୁ ସେ ଜାଣି ପାରିବ । ମାତ୍ର ଜାଣି ଅଜଣାହୋଇ ରହିଥିବା ଶଠମାନଙ୍କୁ ଏହି ଲୀଳାର ମଧୁରତା ତିକ୍ତ ପରି ମନେହେବ । ବୃଦ୍ଧାବସ୍ଥା ପ୍ରାପ୍ତହୋଇ ତାଙ୍କର କେଶ ଝଡ଼ି ଦାନ୍ତ ପଡ଼ିଲେ ମଧ ସେମାନେ ଭକ୍ତି ଅର୍ଜନ କରି ପାରିବେ ନାହିଁ ।

ହେ ସଦାତ୍ମା ଭ୍ରାତୃଭଗ୍ନୀଗଣ ! ଏ ପରମ ପାବନକାରୀ ଯଜ୍ଞ ମହୋତ୍ସବରେ ଯେଉଁମାନେ ଉପସ୍ଥିତ ଅଛନ୍ତି, ସେମାନେ ବିଭୁକୃପା ପ୍ରାପ୍ତହୋଇ ନିଶ୍ଚିତରୂପେ ଦିବ୍ୟଚେତନାର ଅଧିକାରୀ ହେବେ, ଏହା ନିଃସନ୍ଦେହ । ମନ୍ଦ ପ୍ରକୃତି ଓ ହୀନ ପ୍ରବୃତ୍ତି ହରଣ ହୋଇ ସେମାନଙ୍କ ହୃଦୟରେ ଭ୍ରାତୃତ୍ୱର ମନ୍ଦାକିନୀ ଧାରା ପ୍ଲାବିତ ହେବ ଏବଂ ଚରମନାଥଙ୍କ ମହତୀ ଇଚ୍ଛା ପୂର୍ଣ୍ଣ ହେବ ।

ପରିଶେଷରେ ସେଇ କୋଟି କୈବଲ୍ୟ ଦାତା, ଦୀନଜନ ଶରଣ ରକ୍ଷଣ ମହାବାହୁ, ପରମପିତା, ଚରମନାଥଙ୍କ ଶ୍ରୀଚରଣାରବିନ୍ଦରେ ଏତିକି ମିନତି – ହେ ଜୀବର ତ୍ରାଣକର୍ତ୍ତା ! ଆପଣ ସକଳ ହୃଦୟରୁ ବାଦ, ବିବାଦ, ବିଷାଦକୁ ହରଣ କରି ସମସ୍ତେ ସମସ୍ତଙ୍କୁ ଦୃଢ଼ ଆଲିଙ୍ଗନ ସୂତ୍ରରେ ଆବଦ୍ଧ ରଖିବା ଉଦ୍ଦେଶ୍ୟରେ ଭ୍ରାତୃତ୍ୱସୂତ୍ରର ସୂକ୍ଷ୍ମ ବୀଜକୁ ସମସ୍ତଙ୍କ ଅନ୍ତରରେ ବପନ କରାଇ ସନାତନ ଧର୍ମ ପ୍ରତିଷ୍ଠାର ସୈନିକଟିଏ ସଜାଇ ଦିଅନ୍ତୁ । ହେ କ୍ଷମାନୁକମ୍ପାଧର ! ସଭିଙ୍କୁ କ୍ଷମାକରି ଆପଣାର କରାନ୍ତୁ । ହେ କୃପାସିନ୍ଧୁ ! ଆପଣଙ୍କ ପଦାରବିନ୍ଦରେ ଏକ ସକଳ ଜୀବକୁଳକୁ ଆଶ୍ରା ଦେଇ ଜୀବନକୁ ଚରିତାର୍ଥ କରାନ୍ତୁ ।

ଅଳମତି ବିସ୍ତରେଣ

ଶ୍ରୀକେଶବାର୍ପଣମସ୍ତୁ !!!

ଶ୍ରୀ କେଶବ ଶରଣଂ ! ଶ୍ରୀ କେଶବ ଶରଣଂ !! ଶ୍ରୀ କେଶବ ଶରଣଂ !!!

ଆମର ଲକ୍ଷ୍ୟ : ପ୍ରେମ ପ୍ରୀତି